**Gramin Krishi Mausam Sewa**
**India Meteorological Department**
**Odisha University of Agriculture and Technology**
***Bhubaneswar -751 003***

*Dr.A.Baliarsingh*
*Nodal Officer*

**Week No.- 24** **Bulletin No.- 47**

*No.- 805 (Eng. Bulletin)*
Dt.- 07.06.2019

**DISTRICT: KHORDHA, BLCOK: TANGI**

**Forecast (Up to 16.06.2019)**
**Given by Met. Centre, IMD, Bhubaneswar**

**BLCOK: TANGI-**

| BLOCK | TANGI | | | | |
|---|---|---|---|---|---|
| Date | 12-06-2019 | 13-06-2019 | 14-06-2019 | 15-06-2019 | 16-06-2019 |
| Rainfall (mm) | 0 | 0 | 8 | 0 | 0 |
| T-MAX (C ) | 38 | 41 | 40 | 38 | 36 |
| T-MIN (C ) | 27 | 28 | 25 | 27 | 27 |
| Cloud Cover | 2 | 6 | 6 | 6 | 7 |
| Rh Max (%) | 68 | 65 | 87 | 75 | 65 |
| Rh Min (%) | 46 | 35 | 37 | 51 | 51 |
| Wind speed (kmph) | 16 | 16 | 18 | 19 | 19 |
| Wind Direction (deg) | 214 | 225 | 205 | 203 | 207 |

**For further information, contact the Met. Centre, Aerodrom Area, IMD, Bhubaneswar, Tel. # 0674-2596116.**

## କୃଷି ଉପଦେଶ

- ଗତ 8 ଜୁନ୍ ରେ ମୌସୁମୀ 7 ଦିନ ଡେରିରେ  କେରଳରେ ପ୍ରବେଶ କରିଛି ଏବଂ  ଜୁନ୍ ତୃତୀୟ ସପ୍ତାହ ସୁଦ୍ଧା(ସମ୍ଭବତଃ ଆସନ୍ତା 17 -18 ତାରୀଖରେ) ମୌସୁମୀ ଓଡିଶା ଛୁଇଁବାର ସମ୍ଭାବନା ଅଛି  |
- ଏଣୁ ଖାଲ ଏବଂ ପାଟ ପାଟ ଜମିରେ ଧାନର ଖରୁଡି ବୁଣା ଏଇ ସପ୍ତାହ ସୁଦ୍ଧା କରି ଦିଅନ୍ତୁ |
- ଆଗକୁ ବର୍ଷାର ସମ୍ଭାବନା ଥିବାରୁ ଜମିରେ ପାକଳ ଅବସ୍ଥାରେ ଥିବା ସବୁ ପ୍ରକାର ଯଥା ବିଳମ୍ବ ରଆ ଧାନ ଓ ପନିପରିବା ଫସଲ ଅମଳ କରି ଦିଅନ୍ତୁ |
- ପ୍ରାକ ମୌସୁମୀ ବର୍ଷା ପରେ ମାଟିର  ବତର ଅବସ୍ଥା ଦେଖି ଖରାଦିନିଆ ହଳ କରନ୍ତୁ |
- ମାଟିର ବତର ଅନୁକୂଳ ହେଲେ ସଙ୍ଗେ ସଙ୍ଗେ ସବୁଜ ସାର ବୁଣନ୍ତୁ |

### ଖରାଟିଆ ଚାଷ

♠ ପ୍ରାୟ ସ୍ଥାନରେ ପ୍ରାକ୍ ମୌସୁମୀ ବର୍ଷା ର ସମ୍ଭାବନା ଥିବାରୁ ଜମିର ଅବସ୍ଥା ଦେଖି ଖରାଦିନିଆ ହଳ କରନ୍ତୁ | ଟ୍ରାକ୍ଟର କିମ୍ବା ପାୱାର୍ ଟିଲରରେ ଚାଷ କଲେ ଗହୀର ଚାଷ ହେବା ସଙ୍ଗେ ସଙ୍ଗେ ମାଟି ଭଲଭାବରେ ତଳ ଉପର ହୋଇଥାଏ | ହଳ କରିବା ଦ୍ୱାରା ଜମିରୁ ବିଭିନ୍ନ ପ୍ରକାରର ଘାସ ଓ ମାଟି ଭିତରେ ଥିବା ପୋକର ଅଣ୍ଡା ଓ ଶୁକ ମଧ ନଷ୍ଟ ହୋଇଯାଆନ୍ତି | ମୁଖ୍ୟ ଫସଲରେ ରୋଗ ଓ ପୋକର ମାତ୍ରା ମଧ୍ୟ କମିଯାଏ |

### ଖରିଫ ଫସଲ ପାଇଁ ଯୋଜନା

♠ ବର୍ତ୍ତମାନଠାରୁ ନିଜ ଜମିର ପ୍ରକାର, ମାଟିର ଉର୍ବରତା, ସେଚଜଳର ସୁବିଧା ଓ ଅନ୍ୟାନ୍ୟ କୃଷି ସାମଗ୍ରୀ ଗୁଡ଼ିକର ଉପଲବ୍ଧତାକୁ ବିଚାରକୁ ନେଇ ଫସଲ ଯୋଜନା ପ୍ରସ୍ତୁତ କରନ୍ତୁ |

♠ ସର୍ବଦା ପ୍ରାମାଣିକ ବିହନ ବ୍ୟବହାର କରନ୍ତୁ ଓ ପ୍ରତି 3 ବର୍ଷରେ ବିହନକୁ ବଦଳାଇ ଦିଅନ୍ତୁ | ଉନ୍ନତମାନର ବିହନ ବ୍ୟବହାର ଦ୍ୱାରା ଅମଳ 15 ପ୍ରତିଶତ ବୃଦ୍ଧି ହୋଇପାରିବ |

♠ ଘରେ ସାଇତି ରଖିଥିବା ବିହନ ବ୍ୟବହାର କରିଥିଲେ ଗଜା ପରୀକ୍ଷ କରାଇ ଦିଅନ୍ତୁ |

♠ ଫସଲ ବୁଣିବା ପୁର୍ବରୁ ମାଟି ପରୀକ୍ଷ କରାଇ ଦିଅନ୍ତୁ |

♠ ବୃଷ୍ଟିପୁଷ୍ଟ ଢ଼ିପ ଜମିମାନଙ୍କରେ ଧାନ ପରିବର୍ତ୍ତେ ଅଧିକ ଅର୍ଥକାରୀ ଅଣଧାନ ଫସଲ ଯଥା – ଡ଼ାଲି ଫସଲ, ତୈଳବୀଜ

ଫସଲ, କପା, ସୂର୍ଯ୍ୟମୁଖୀ, ପନିପରିବା ଆଦି ଏକକ ଫସଲ ଭାବେ ଅଥବା ମିଶ୍ରିତ ଫସଲ ଭାବେ ଚାଷ କରନ୍ତୁ |

- ଖାଲ ଜମିଗୁଡ଼ିକରେ ଅଧିକ ଘାସ ଦମନ ପାଇଁ ତୃଣନାଶକ ବ୍ୟବହାର କରନ୍ତୁ |

**ସବୁଜ ସାର**

- ବର୍ତ୍ତମାନ ରାଜ୍ୟର ଅଧିକାଂଶ ଅଞ୍ଚଳରେ ବର୍ଷା ର ସମ୍ଭାବନା ଅଛି| ସବୁଜସାର ବୁଣିବା ପାଇଁ ମାଟିର ବତର ଅନୁକୂଳ ଅଛି | ସବୁଜସାର ବ୍ୟବହାର କଲେ ମାଟିର ଉତ୍ପାଦନ କ୍ଷମତା ବଢ଼ିଥାଏ | ସାଧାରଣତଃ ଚାଷୀଭାଇମାନେ ଧାନଚାଷରେ ଅଧିକ ଅମଳପାଇଁ ଜମିରେ ରାସାୟନିକ ସାର ପ୍ରୟୋଗ କରିଥାନ୍ତି | କିନ୍ତୁ ଚାଷୀଭାଇମାନେ ମନେ ରଖିବା ଉଚିତ ଯେ ମାଟିର ଉର୍ବରତା ବଜାୟ ରଖିବାପାଇଁ ଆବଶ୍ୟକୀୟ ପରିମାଣର ଜୈବିକ ଖତ ଓ ସବୁଜ ସାର ମଧ୍ଯ ପ୍ରୟୋଗ କରିବା ନିହାତି ଆବଶ୍ୟକ | କଞ୍ଚା ଓ କଅଁଳ ସବୁଜ ଡ଼ାଳପତ୍ର ଇତ୍ୟାଦିକୁ ଜମିରେ ପ୍ରୟୋଗ କରି ମାଟିରେ ମିଶାଇ ଦେଲେ ତାହା ସଢ଼ିଯାଇ ଖତ ହୋଇଯାଏ | ଏହାକୁ ସବୁଜ ଖତ କୁହାଯାଏ |ସାଧାରଣତଃ ଧାନ ଜମିରେ ଧଣିଚା, ଛଣପଟ ଓ ବରଗୁଡ ଇତ୍ୟାଦି ଫସଲ ପୂର୍ବରୁ ସବୁଜ ଖତ ଫସଲ ହିସାବରେ ଚାଷ କରାଯାଏ | ସବୁଜ ଖତ ପାଇଁ ଫସଲକୁ କଢ ଧରିବା ପୂର୍ବରୁ ଚଷି ଦେବା ଆବଶ୍ୟକ |
- ଜମିକୁ ଚାଷ କରି ଏକର ପ୍ରତି 16 କିଗ୍ରା ଫସଫରସ୍ ଯୋଗାଇବାପାଇଁ ଆବଶ୍ୟକ ପରିମାଣର ସୁପର ଫସଫେଟ ସାର ଭଲଭାବେ ଉପଲବ୍ଧ ହୋଇଥାଏ ଓ ଫସଫେଟ ସାର ପ୍ରୟୋଗ ଦ୍ୱାରା ଶୀଘ୍ର ଚେର ବୃଦ୍ଧି ହୁଏ ଏବଂ ଶାକାଣୁ ଭାତୁଡ଼ି ସୃଷ୍ଟି ହୋଇ ଅଧିକ ସଂଖ୍ୟକ ଗଛ ଉଠେ | ଧାନ ସହିତ ମିଶ୍ରିତ ଫସଲ ଭାବରେ ଖତ ଫସଲ ବୁଣାଯାଉଥିଲେ ଏକର ପ୍ରତି 6 କିଗ୍ରା ମଞ୍ଜି ଆବଶ୍ୟକ ହୋଇଥାଏ |

**ଖରିଫ ଧାନ**

- ଅତି ସଅଳ କିସମ - କଳିଙ୍ଗ -3
- ସଅଳ କିସମ - ଖଣ୍ଡଗିରି, ବନ୍ଦନା, ପଥରା, ପାରିଜାତ ଓ ଅନ୍ନଦା
- ମଧ୍ଯମ କିସମ - ଏମ୍. ଟି. ୟୁ -1001, ଏମ୍. ଟି. ୟୁ -1010, କୋଣାର୍କ, ଗଜପତି, ସୁରେନ୍ଦ୍ର ଓ ଲଲାଟ
- ବିଳମ୍ବ କିସମ - ସି. ଆର୍ -1009, ସି. ଆର -1018, ସ୍ୱର୍ଣ (ଏମଟିୟୁ -7029), ପ୍ରତୀକ୍ଷା, ଇନ୍ଦ୍ରାବତୀ, ମହାନଦୀ, ପୂଜା, ରାମଚଣ୍ଡୀ, କାଞ୍ଚନ, ସାରଳା, ଦୂର୍ଗା ଓ ଲୁଣିଶ୍ରୀ
- ଅତି ସରୁ କିସମ - ସି. ଆର -1014 ଓ ବି.ପି.ଟି -5204
- ନିଜର ଜମିର କିସମକୁ ନେଇ ଉପଯୁକ୍ତ କିସମର ବିହନ ସଂଗ୍ରହ କରନ୍ତୁ |

**ଧାନ ବୁଣା**

- ପାଟ ଜମିରେ ବର୍ତ୍ତମାନ ଧାନ ବୁଣନ୍ତୁ ଓ ଖାଲ ଜମିରେ ଜୁନ୍ ପ୍ରଥମ ସପ୍ତାହ ସୁଦ୍ଧା ଧାନ ବୁଣା ଶେଷ କରନ୍ତୁ |
- ଏକର ପ୍ରତି 30 କିଗ୍ରା ବିହନକୁ ଧାଡ଼ିବୁଣା କଲେ 15 ରୁ 20 ସେମି ବ୍ୟବଧାନରେ ଗୋଜି ଲଙ୍ଗଳ ପଛପଟେ ବୁଣନ୍ତୁ |

**ବିହନ ବିଶୋଧନ**

- ବୁଣିବା ପୂର୍ବରୁ ବିହନକୁ ଭଲଭାବେ ଖରାରେ ଶୁଖାଇ ଓ ବିହନକୁ ବିଶୋଧନ କରି ବୁଣନ୍ତୁ | 1 କିଗ୍ରା ବିହନ ପାଇଁ 3 ଗ୍ରାମ୍ ଥିରାମ୍ କିମ୍ବା ଟପ୍ସିନ୍ –ଏମ୍ ଆବଶ୍ୟକ ହୋଇଥାଏ | ଡ୍ରମରେ କିମ୍ବା ମାଠିଆରେ ଅଧାପର୍ଯ୍ୟନ୍ତ ବିହନ ପୁରାଇ ଆବଶ୍ୟକ ପରିମାଣର ବିଶୋଧକ ସେଥିରେ ମିଶାନ୍ତୁ | ମାଠିଆର ମିହଁକୁ କନାଦ୍ୱାରା ବନ୍ଦକରି ଭଲଭାବରେ ତଳ ଉପର କରି ମିଶାନ୍ତୁ କିମ୍ବା ବିଶୋଧନ ଡ୍ରମର ଘୋଡ଼ଣୀ ବନ୍ଦକରି ହ୍ୟାଣ୍ଡଲ ଦ୍ୱାରା ଘୁରାଇ କିଛି ସମୟପରେ ଡ୍ରମର ମୁହଁଖୋଲି ବିହନକୁ ବାହାର କରନ୍ତୁ |

**ଧାନରେ ସାର ପ୍ରୟୋଗ**

| ଜମି | କିସମ | ଏନ୍.ପି.କେ. | ସମୟ |
|---|---|---|---|
| ମଧ୍ୟମ ଜମି | ଉନ୍ନତ କିସମ | 50 -25 -25 | ସବୁତକ ଫସଫରସ୍ ଓ ପଟାସ୍ ମୂଳସାର ରୂପେ ପ୍ରୟୋଗ କରନ୍ତୁ । ଛଟାବୁଣା – ଶତକଡ଼ା 50 ଭାଗ ଯବକ୍ଷାରଜାନ ମୂଳସାର<br>ଧାଡ଼ିବୁଣା –ଶତକଡ଼ା 25 ଭାଗ ଯବକ୍ଷାରଜାନ ମୂଳସାର |
| ଖାଲ ଜମି | ଉନ୍ନତ କିସମ | 80 -40 -40 | ସବୁତକ ଫସଫରସ୍ ଓ ପଟାସ୍ ମୂଳସାର ରୂପେ ପ୍ରୟୋଗ କରନ୍ତୁ ।<br>ଛଟାବୁଣା – ଶତକଡ଼ା 50 ଭାଗ ଯବକ୍ଷାରଜାନ ମୂଳସାର<br>ଧାଡ଼ିବୁଣା –ଶତକଡ଼ା 25 ଭାଗ ଯବକ୍ଷାରଜାନ ମୂଳସାର ରୂପେ ପ୍ରୟୋଗ କରନ୍ତୁ |

- ବାଲିଆ ମାଟିରେ ପଟାସ୍ ସାରକୁ ପୁରା ମୂଳସାର ରୂପେ ପ୍ରୟୋଗ ନକରି ଦୁଇ ଥରରେ ପ୍ରୟୋଗ କରନ୍ତୁ । ଯଥା –ମୂଳସାର ଏବଂ ଅଧା ଲିଙ୍ଗ ସଂଚାର ଅବସ୍ଥାରେ ପ୍ରୟୋଗ କରନ୍ତୁ ।
- ସବୁଜ ସାରପାଇଁ ଧାନ ବୁଣିବା ବେଳେ ଏକର ପ୍ରତି 6 କିଗ୍ରା ଧଣିଚ଼ା ମିଶାଇ ଯାହାକି ଗଜା ହେବାର 35 ଦିନରେ କାଟି ଜମିରେ ମିଶାଇ ବେଉଷଣ କରନ୍ତୁ ।

**ଧାନର ଶୁଖିଲା ତଳିଘରା**

- ଜଳସେଚ଼ନର ସୁବାଧା ଥିବା ଜମିରେ ଖରଫ୍ ଋତୁ ପାଇଁ ଶୁଖିଲା ତଳିଘେରା ପାଇଁ ଜମି ପ୍ରସ୍ତୁତ କରନ୍ତୁ ।
- ଏକ ଏକର ଜମି ରୋଇବାକୁ 10 ଡ଼େସିମିଲ ଜମି ତଳି ଘରା ପାଇଁ ଆବଶ୍ୟକ ହୋଇଥାଏ ।
- ତଳିଘରାକୁ ଭଲରୁପେ ଚାଷକରି ଘାସ ବାଛି ମାଟି ଗୁଣ୍ଡ କରନ୍ତୁ । ତାନି ଫୁଟ ଚ଼ଉଡ଼ା, 6 ଇଞ୍ଚ ଉଚା ଓ ସୁବିଧା ଅନୁସାରେ ଲମ୍ବା କରି ପଟି ତିଆରି କରନ୍ତୁ । ଦୁଇ ପଟି ମଝିରେ 1 ଫୁଟ ଓସାରର ଜଳ ସେଚ଼ନ ଓ ନିଷ୍କାସନ ପାଇଁ ନାଳ ରଖନ୍ତୁ ।
- 10 ଡ଼େସିମିଲି ତଳିଘେରାରେ 4 –ଝୁଡ଼ି ଗୋବର ଖତ, 12 କିଗ୍ରା ସୁପର ଫସଫେଟ୍ ଓ 2 କିଗ୍ରା ପଟାସ୍ ସାର ମାଟିରେ ମିଶାଇ ଦିଅନ୍ତୁ । 10 ଡ଼େସିମିଲ୍ ତଳିଘେରାରେ 25 କିଗ୍ରା ବିହନ ଆବଶ୍ୟକ ହୋଇଥାଏ ।

## ଉଦ୍ୟାନ ଫସଲ

**ଫଳଚାଷ**

ଓଡିଶାର ଜଳବାୟୁରେ ନାନା ପ୍ରକାର ଫଳଚାଷ ଲାଭଜନକ ଭାବେ କରାଯ଼ାଇପାରିବ ଯଥା ଆମ୍ବ, ନଡିଆ, କଦଳୀ, କାଜୁବାଦାମ, ସପେଟା, ଅମୃତଭଣ୍ଡା ଇତ୍ୟାଦି । ଉଚ୍ଚ ଗଡାଣିଆ ବା ଅନୁର୍ବର ଜମିରେ ମଧ ଫଳଚାଷ ଲାଭଜନକ ଭାବେ କରାଯାଇପାରିବ । ବର୍ଷା ଋତୁ ଆରମ୍ଭରେ ଗଛ ଲଗାଇବାକୁ ହେଲେ ଖରାଦିନରୁ ଗାତ ଖୋଳି ରଖିଦେବା ଦରକାର । ଗାତରୁ ବାହାରିଥିବା ମାଟି ଓ ଗାତ ଭଲଭାବେ ଖରା ଖାଇବା ଭଲ । ଆମ୍ବ, ନ଼ଡିଆ, କମଳା, ପିଜୁଳି, ପଣସ, ଲିଚୁ ଇତ୍ୟାଦି ପାଇଁ ଏକ ମିଟର ଗଭୀର ଓ ଏକ ମିଟର ଗୋଲେଇର ଗାତ ଓ କଦଳୀ ଓ ଅମୃତଭଣ୍ଡା ପାଇଁ ଅଧ ମିଟର ଗଭୀର ଓ ଅଧ ମିଟର ଗୋଲେଇର ଗାତ ଦରକାର । ସପୁରୀ ପାଇଁ 30 ସେମି ଚଉଡା ଓ 15 ସେମି ଗଭୀରର ନାଳୀ ଖୋଳାଯ଼ାଏ ।

- ଓଡ଼ିଶା ଜଳବାୟୁ ପାଇଁ ବିଭିନ୍ନ ଅନୁମୋଦିତ କିସମ ହେଲା-
- ଆମ୍ବ – ବାଇଗଣପଲ୍ଲୀ, ତୋତାପରୀ, ସୁବର୍ଣ୍ଣରେଖା, ନୀଲମ୍. ଲାଙ୍ଗ୍ରା, ଦଶେରୀ, କିଶାନଭୋଗ, ଆମ୍ରପଲ୍ଲୀ ଓ

ହିମସାଗର

- ❖ କଦଳୀ –କାବୁଲି, ରୋବଷ୍ଟା, ପାଟକପୁରା, ଚ଼ମ୍ପା, ଗଜବନ୍ତଳ, ଅମୃତବଂଶୀ, ବତିଶବନ୍ତଳ
- ❖ ପିଜୁଳି –ଆହ୍ଲାବାଦ ସଫେଦ, ଲକ୍ଷ୍ନୌ 49, ବନାରସି ସିଡ଼ଲେସ୍, ଅର୍କ ମ୍ରିଦୁଲା, ଆହ୍ଲାବାଦ ସୁଖା, ଚ଼ିତିଦାର
- ❖ ନଡ଼ିଆ –ଡ଼େଙ୍ଗା ନଡ଼ିଆ –ଇଷ୍ଟକୋଷ୍ଟ ଟଲ୍, ଲାକ୍ଷାଦ୍ୱିପ ସାଦାରଣ, କୋଟିନ୍ ଚ଼ାଇନା, ଜାଭା, ଶ୍ୟାମ୍, ଫିଜି ଓ ଆଣ୍ଡାମାନ

  — ବାଙ୍ଗର ନଡ଼ିଆ –ମାଳୟ, ନାଇଜେରିଆ, ସବୁଜ ବାମନ

  — ସଙ୍କର –ଟିଡ଼ି (ଡ଼େଙ୍ଗା x ବାମନ) ଡ଼ିଟି (ବାମନ x ଡ଼େଙ୍ଗା)
- ❖ ସପୁରୀ — କ୍ୟୁ, କୁଇନ୍, ସିମାଚ଼ଳନ୍ ଓ ମରିସିଅସ୍
- ❖ କାଜୁ — ଭେଙ୍ଗୁଲା 1.4, ବିପିପି -4, ଭୁବନେଶ୍ୱର -1 ଓ ହାଇବ୍ରିଡ୍ -2 -17

**ଗଛ ନିର୍ବାଚନ —**

କଲମୀ ଗୁଡ଼ିକ ଭୂମି ପତନରୁ 20 -30 ସେମିରୁ ଅଧିକ ଉଚ୍ଚା ହୋଇନଥିବା ଦରକାର | ଗଛରେ ଯଥେଷ୍ଟ ପରିମାଣରେ ଡ଼ାଳପତ୍ର ଓ ଚ଼େର ଥିବା ଆବଶ୍ୟକ ଏବଂ ଚ଼େତରଗୁଡ଼ିକ ଗଣ୍ଠି ଗଣ୍ଠିଆ ହୋଇ ନ ଥିବ |

<u>ଆମ୍ବ</u> –ଏକ ବର୍ଷିଆ କେନାବିହୀନ ସୁସ୍ଥ ସବଳ କଲମୀ ଗଛ

<u>କଦଳୀ</u> –ବଳିଷ୍ଠ ଖଣ୍ଡା ପୁଆ 300 ରୁ 400 ଓଜନର ପୁଆ, ଟିସୁ କଲ୍ଟର ପୁଆ

<u>ପିଜୁଳି</u> –ସୁସ୍ଥ, ସବଳ, ନିରୋଗ ଗୁଟି କଲମୀ ଗଛ ଓ ନଚେତ୍ ଗଛ

<u>ଅମୃତଭଣ୍ଡା</u> –ମଞ୍ଜିରୁ ଚ଼ାରା ଗଛ

<u>ନଡ଼ିଆ</u> -12 ରୁ 18 ମାସିଆ ଚାରା ଗଛ

<u>ସପୁରୀ</u> –ମୂଳ ପୁଆ, କନ୍ଦା ପୁଆ ଓ ମୁକୁଟ ପୁଆ

<u>ହଳଦୀ</u>

- ❖ ହଳଦୀ ମଇ ଓ ଜୁନ୍ ମାସରେ ଲଗାଯାଏ |
- ❖ ରୋମା ସୁରମା, ରଙ୍କ ଓ ରଶ୍ମୀ ନାମରେ ଚ଼ାରୋଟି ହଳଦୀ କିସମ ଆମ ରାଜ୍ୟପାଇଁ ଉପଯୁକ୍ତ |
- ❖ ଏକ ଏକର ପାଇଁ 8 ରୁ 10 କୁଇଣ୍ଟାଲ୍ ହଳଦୀ ଦରକାର ହୁଏ | ଏହି ଖଣ୍ଡ ଗୁଡ଼ିକୁ 2-3ଟି ଆଖି ଥାଇ 20 ରୁ 25 ଗ୍ରାମ୍ ଓଜନର ହଳଦୀ ପୁଆ ଓ ଏଥିରୁ ବାହାରିଥିବା ପ୍ରଥମ ପୁଆ ବିହନ ଆକାରରେ ଲଗାନ୍ତୁ |
- ❖ ଜମିକୁ ଗୁଣ୍ଡ ଚ଼ାଷ କରି ଏକ ମିଟର ଓସାର, 15 ସେମି ଉଚ୍ଚା ଓ ସୁବିଧା ଅନୁସାରେ ଲମ୍ବା ରଖି ପଟାଳୀମାନ କରନ୍ତୁ |

**<u>ଖମ୍ବଆଳୁ</u>**

- ❖ ଉଭୟ ମେ ଓ ଜୁନ୍ ମାସରେ ଖମ୍ବଆଳୁ ଲଗାଯାଏ |
- ❖ ଦେଶୀ ଆଳୁ – ଶ୍ରୀକୀର୍ତ୍ତି, ଶ୍ରୀରୂପା, ହାତୀଖୋଜ, ଛୋଟ ଖମ୍ବଆଳୁ –ଶ୍ରୀଲତା, ଶ୍ରୀକଳା, ଧଳା ଖମ୍ବଆଳୁ-ଶ୍ରୀଶୁଭ୍ରା, ଶ୍ରୀପ୍ରିୟା, ଶ୍ରୀଧନ୍ୟା ଆଦି କିସମ ଆମ ରାଜ୍ୟପାଇଁ ଉପଯୁକ୍ତ |
- ❖ ଏକ ଏକର ଜମିପାଇଁ 8 – 10 କ୍ୱିଣ୍ଟାଲ ଖମ୍ବଆଳୁ ଦରକାର ହୁଏ | ଏହି ଖଣ୍ଡଗୁଡ଼ିକ 150 ରୁ 200 ଗ୍ରାମ୍ ଓଜନର ମୁଣ୍ଡା ବିହନ ଆକାରରେ ଲଗାନ୍ତୁ |
- ❖ ଜମିକୁ ଗୁଣ୍ଡ ଚ଼ାଷ କରି ଧାଡ଼ିକୁ ଧାଡ଼ି ତିନି ଫୁଟ, ଗଛକୁ ଗଛ ତିନି ଫୁଟ ବ୍ୟବଧାନରେ ଗାତ ଖୋଳନ୍ତୁ |
- ❖ ଗୋବର ଖତ ଏବଂ ଜମି ଉପରର ଉର୍ବର ମାଟି ସମ ପରିମାଣରେ ମିଶାଇ ଗାତ ଗୁଡ଼ିକୁ ପୁରଣ କରନ୍ତୁ |
- ❖ ଏକ ଏକର ପ୍ରତି 32 କିଗ୍ରା ଯବକ୍ଷାରଜାନ, 24 କିଗ୍ରା ଫସଫରସ୍ ଓ 32 କିଗ୍ରା ପଟାସ ସାର ପ୍ରୟୋଗ କରନ୍ତୁ |

ଲଗାଇବାବେଳେ ସମୁଦାୟ ସୁପର ଫସଫେଟ ପ୍ରତି ମନ୍ଦାରେ ମାଟିତଳେ ପ୍ରୟୋଗ କରନ୍ତୁ | ଲଗାଇବାବେଳେ ସମୁଦାୟ ସୁପର ଫସଫେଟ ପ୍ରତି ମନ୍ଦାରେ ମାଟିତଳେ ପ୍ରୟୋଗ କରନ୍ତୁ | ମନ୍ଦାରେ ଖମ୍ବଆଳୁ ବିହନକୁ 5 -10 ସେମି ଗଭୀରରେ ପୋତନ୍ତୁ |

- ମୌସୁମୀ ବର୍ଷା ଆରମ୍ଭ ପୁର୍ବରୁ ଖମ୍ବଆଳୁ ଲଗାହୋଇଥିଲେ ବିହନ ଲଗା ହେବାପରେ ମନ୍ଦାକୁ ଶୁଖିଲା ନଡ଼ା, ତାଳପତ୍ର ବା ଘାସ (ମଲଚିଙ୍ଗ) ଦେଇ ଘୋଡ଼ାଇ ରଖନ୍ତୁ |

ଭେଣ୍ଡି

- ବର୍ଷସାରା ଭେଣ୍ଡି ଲଗାଯାଇପାରେ |
- ଉନ୍ନତ କିସମ ବିହନ ଲଗାନ୍ତୁ | ଯଥା- ଉକ୍ଳଳ ଗୌରବ, ଅର୍କ ଅନାମିକା, ଉପହାର, ପର୍ବାଣୀ କ୍ରାନ୍ତି ଏବଂ ହାଇବ୍ରିଡ଼ କିସମ ଯଥା- ବର୍ଷା, ବିଜୟ, ବିଶାଳ, ତାରା, ଆଧୁନିକ, ଅତ୍ୟାଧୁନିକ, ସୁପ୍ରୀୟ ମଧ ଲଗାଯାଇପାରିବ |
- କିସମ ଅନୁସାରେ ଏକ ଏକର ପାଇଁ 5 ରୁ 6 କିଗ୍ରା ଉନ୍ନତ କିସମ ବିହନ ଓ 1250 ରୁ 1500 ଗ୍ରାମ୍ ଶଙ୍କର କିସମ ବିହନ ଦରକାର ହୁଏ |
- ଜମିକୁ ଗୁଣ୍ଡ ଚାଷ କରି ସମତୁଲ କରନ୍ତୁ |
- ଶେଷ ଓଡ଼ ଚାଷ ବେଳେ ଏକର ପ୍ରତି 10 ଗାଡ଼ି (5 ଟନ୍) ଗୋବର ଖତ ଦିଅନ୍ତୁ |
- ବିହନ ଲଗାଇବାବେଳେ ଏକ ଏକର ପ୍ରତି ଅନୁମୋଦିତ ସାର ଯଥା 45 କିଗ୍ରା ଯବକ୍ଷାରଜାନ, 25 କିଗ୍ରା ଫସଫରସ୍ ଓ 30 କିଗ୍ରା ପଟାସ୍ ସାର ଉନ୍ନତ କିସମ ପାଇଁ ଓ ୫0 କିଗ୍ରା ଯବକ୍ଷାରଜାନ, 40 କିଗ୍ରା ଫସଫରସ୍ ଓ 40 କିଗ୍ରା ପଟାସ୍ ସାର ଶଙ୍କର କିସମ ପାଇଁ ପ୍ରୟୋଗ କରନ୍ତୁ |
- ଧାଡ଼ିକୁ ଧାଡ଼ି 30 ସେମି ଓ ଗଛକୁ ଗଛ 30 ସେମି ବ୍ୟବଧାନରେ ଉନ୍ନତ କିସମ ବହନ ଓ ଧାଡ଼ିକୁ ଧାଡ଼ି 60 ସେମି ଓ ଗଛକୁ ଗଛ 45 ସେମି ବ୍ୟବଧାନରେ ଶଙ୍କର କିସମ ବିହନର ମଞ୍ଜିକୁ 3 ସେମି ଗଭୀରରେ ପୋତନ୍ତୁ |

ପୋଟଳ

- ପୋଟଳ ଫୁଲ ଫଳ ଧରିବା ଅବସାକୁ ଆସିବା ବେଳକୁ ଜମିକୁ ଘାସୁଆ ରଖାଯିବା ଉଚ଼ିତ | କାରଣ ଘାସ ଜମିର ଆର୍ଦ୍ରତା ବଜାୟ ରଖିବାରେ ସାହାଯ୍ୟ କରେ ଓ ମାଟି ଉପରେ ମାଡ଼ୁଥିବା ଲତାର ଫଳକୁ ନିରାପଦରେ ଧରିରଖେ, ଏହାଦ୍ଵାରା ଫଳଗୁଡ଼ିକ ମାଟି ସଂସ୍ପର୍ଶରେ ଆସି ନଷ୍ଟ ହୁଏ ନାହିଁ |
- ତାପମାତ୍ରା ଅଧିକ ଥିବାଯୋଗୁଁ ପୋଟଳରେ କବକ ଜନିତ ଝାଉଁଳା ରୋଗ ଲାଗିବର ଦେଖାଯାଇଛି | ଏହାର ଦମନପାଇଁ ପ୍ରତି ଲିଟର ପାଣିରେ 1.5 ଗ୍ରାମ୍ କାର୍ବେଣ୍ଡାଜିମ୍ କିମ୍ବା ମେଟାଲାକ୍ସିଲ୍ ଓ ମାଙ୍କୋଜେବ ମିଶ୍ରଣରୁ 1 ଗ୍ରାମ୍ ହିସାବରେ ମିଶାଇ ମୂଳ ମାଟି ଭଲଭାବରେ ଭିଜାଇ ଦିଅନ୍ତୁ |

**ରଜନୀଗନ୍ଧା**

- ରଜନୀଗନ୍ଧା ମଇ ମାସ ପର୍ଯ୍ୟନ୍ତ ଲଗାଯାଏ | କୋଲକାତା ସିଙ୍ଗଲ୍, ଶ୍ରୀଙ୍ଗାର, କୋଏମ୍ବାଟୁର ସିଙ୍ଗଲ ଓ ସୁହାସିନି (ଡ଼ବଲ) ଆଦି କିସମ ଲଗାନ୍ତୁ |
- ବୁଣିବା ପୁର୍ବରୁ ଅନୁମୋଦିତ ସାରର (ଏକର ପ୍ରତି ୫0 କିଗ୍ରା ଯବକ୍ଷାରଜାନ, ୫0 କିଗ୍ରା ଫସଫରସ ଓ

କାଜୁ

- କାଜୁରେ କାଣ୍ଡ ଓ ଚେର ବିନ୍ଧା ପୋକର ଦମନ ପାଇଁ ଆକ୍ରାନ୍ତ ଅଂଚଳରୁ ଶତକଡା 50 ଭାଗ ବକଳ ଗୋଳେଇ କରି ଛିଡାଇ ଦିଅନ୍ତୁ |
- ଉକୁଣିଆ ପୋକର ଦମନ ପାଇଁ ପ୍ରତି ଲିଟର ପାଣିରେ 2 ମିଳି ମିଥାଇଲ୍ ଡିମେଟନ୍ ସିଂଚନ କରନ୍ତୁ |
- ଗଛମୂଳରୁ ଏକ ମିଟର ବ୍ୟାସାର୍ଦ୍ଧ ପରିମିତ ଅଞ୍ଚଳରୁ ଅନାବନା ଘାସ ବାଛି ଦିଅନ୍ତୁ |
    - ଗଛ ପ୍ରତି 10 ରୁ 20 କିଗ୍ରା ଖତ, 750 ଗ୍ରାମ୍ ଯବକ୍ଷାରଜାନ, 125 ଗ୍ରାମ୍ ଫସଫରସ୍  125 ଗ୍ରାମ୍ ପଟାସ୍ ସାର ପ୍ରୟୋଗ

କରନ୍ତୁ ।

## ମତ୍ସ୍ୟ ସମ୍ପଦ

- ❖ ଛୋଟ ପୋଖରୀ ଗୁଡିକରେ ପାଣିର ଗଭୀରତା 1.5 ରୁ 2.0 ମି ଥିଲେ ଓ ବଡ ପୋଖରୀ ଗୁଡିକରେ ପାଣିର ଗଭୀରତା 2.0 ମି ରୁ ଅଧିକ ଥିଲେ ମାଛ ଅମଳ କରି ନିଅନ୍ତୁ | ମାଛର ଚାହିଦା ମୁତାବକ ମାଛକୁ ଥରକୁ ଥର କରି ଅମଳ କରି ନିଅନ୍ତୁ |
- ❖ ପ୍ରଜନନ ଋତୁ ପୂର୍ବରୁ ଅର୍ଥାତ୍ ବର୍ଷା ଋତୁର 3 ରୁ 4 ମାସ ପୂର୍ବରୁ ନିର୍ଦ୍ଦିଷ୍ଟ ବୈଜ୍ଞାନିକ କୌଶଳରେ ପ୍ରସ୍ତୁତ ଗଡିଆରେ ହେକ୍ଟର ପିଛା 1500 ରୁ 2000 କିଗ୍ରା ପ୍ରଜନନକ୍ଷମ ମାଇ ଓ ଅଣ୍ଡିରା ମାଛ ରଖିବାକୁ ପଡିଥାଏ ।
- ❖ ପୋଖତା ମାଛମାନଙ୍କୁ 25 ରୁ 30 ପ୍ରତିଶତ ପୁଷ୍ଟିସାର ପୁରକ ଖାଦ୍ୟ ଗଚ୍ଛିତ ମାଛର ସମୁଦାୟ ଶରୀର ଓଜନର 2 ପ୍ରତିଶତ ନିର୍ଦ୍ଧାରିତ ସମୟ ଓ ସ୍ଥାନରେ ପରିବେଷଣ କରନ୍ତୁ ।
- ❖ ପୋଖତା ମାଛମାନଙ୍କ ପାଇଁ ଭାସମାନ ଖାଦ୍ୟ ଅଧିକ ଉପଯୁକ୍ତ ଅଟେ ।
- •

**ବିଶେଷ ଦ୍ରଷ୍ଟବ୍ୟ**

- ❖ କୃଷି ସମସ୍ୟାର ସମାଧାନ ପାଇଁ ବିନା ଦେୟରେ କିଶାନ କଲ କେନ୍ଦ୍ରର 1551 ନମ୍ବରକୁ ଫୋନ କରନ୍ତୁ ।

**ଅନୁପମା ବଳିୟାରସିଂହ**
**ନୋଡାଲ୍ ଅଫିସର,**
**ଗ୍ରାମୀଣ କୃଷି ମୌସମ ସେବା, ଓ.ୟୁ.ଏ.ଟି**